ବିଜ୍ଞାପିତ ଅଂଚଳ ପରିଷଦ, କରଞ୍ଜିଆ

ସଂଖ୍ୟା.2089.....ତା.12/11/2026...

ବିଜ୍ଞାପନ

Assistant Manager, Watco Section Karanjia ଙ୍କ ପତ୍ର ସଂଖ୍ୟା ୦୬ ତା ୨୮.୦୪.୨୦୨୬ ରିଖ ଅନୁଯାୟୀ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କୁ ଜଣାଇଦିଆଯାଉଛି ଯେ ମିଶନ ଶକ୍ତି ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଳ କର ଆଦାୟ ନିମନ୍ତେ ୨ ଗୋଟି ଜଳସାଥୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଆବେଦନ କରିବେ । ଦରଖାସ୍ତଟି ତା ୧୩.୧୧.୨୦୨୬ ଠାରୁ ୨୦.୧୧.୨୦୨୬ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଆବେଦନ ବାକ୍ସରେ ପକାଇପାରିବେ । କୌଣସି ଦରଖାସ୍ତ ସିଧା ସଳଖ ହାତରେ ଗ୍ରହଣ କରାଯିବ ନାହିଁ ।

ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା :-

୧. ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବା ଆବଶ୍ୟକ ।
୩. ଆବେଦନକାରୀ ସର୍ବନିମ୍ନ ଦଶମ ଶ୍ରେଣୀ ଉତ୍ତୀର୍ଣ ହୋଇଥିବା ଆବଶ୍ୟକ ।
୪. ଆବେଦନକାରୀ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ ।
୫. ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ.ଟି.ଏମ୍. କାର୍ଡ ଥିବା ଆବଶ୍ୟକ ।
୬. ଆବେଦନକାରୀଙ୍କ ନିଜ ନାମରେ କାର୍ଯ୍ୟକ୍ଷମ ସ୍ମାର୍ଟ ଫୋନ୍ ଥିବା ଆବଶ୍ୟକ ।
୭. ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବା ଆବଶ୍ୟକ ।
୮. ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନଥିବ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
13.11.26
ବିଜ୍ଞାପିତ ଅଂଚଳ ପରିଷଦ, କରଞ୍ଜିଆ

ପରିପତ୍ର ସଂଖ୍ୟା...2090..... ତା..12/11/2026..

ଏହି ବିଜ୍ଞପ୍ତିର ନକଲ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ୱେବ ସାଇଟ ଓ ବିଜ୍ଞାପନ ଫଳକ, ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକ ଏବଂ PHEO ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କରଞ୍ଜିଆ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
13.11.26
ବିଜ୍ଞାପିତ ଅଂଚଳ ପରିଷଦ, କରଞ୍ଜିଆ

ପରିପତ୍ର ସଂଖ୍ୟା...2091..... ତା.12/11/2026...

ଏହାର ଏକାକିତ ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ / ସହକାରୀ ନିର୍ବାହୀ ଯନ୍ତ୍ରୀ (PHEO), ମୟୂରଭଞ୍ଜ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

କାର୍ଯ୍ୟ ନିର୍ବାହୀ ଅଧିକାରୀ
13.11.26
ବିଜ୍ଞାପିତ ଅଂଚଳ ପରିଷଦ, କରଞ୍ଜିଆ

ବିଜ୍ଞାପିତ ଅଞ୍ଚଳ ପରିଷଦ, କରଞ୍ଜିଆ ।।

ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

୧. ସଭ୍ୟାଙ୍କ ନାମ :

୨. ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ ଠିକଣା :

୩. ସଭ୍ୟାଙ୍କର ବୟସ :

୪. ୱାର୍ଡ ନମ୍ବର :

୫. ସ୍ୱୟଂ ସହାୟକ ଗୋଷ୍ଠୀର ନାମ :

୬. ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ତାରିଖ :

୭. ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର କେବେ ଠାରୁ ସଦସ୍ୟ ଅଛନ୍ତି :

୮. ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା :

୯. ସଭ୍ୟାଙ୍କର ମୋବାଇଲ ନମ୍ବର :

ଏତଦ ବ୍ୟତିତ ମୁଁ _____ ଘୋଷଣା କରୁ ଅଛି କି ମୋର ନିଜର SMART PHONE ଅଛି ଏବଂ ମୁଁ ଯଦି ମନୋନୀତ ହୁଏ ତେବେ MPOS Machine ପାଇବା ପାଇଁ ଏହାର ଯୋଗ୍ୟ ମୂଲ୍ୟ ୧୦,୦୦୦/- ଟଙ୍କା (ଦଶ ହଜାର ଟଙ୍କା, ଫେରେସ୍ତ ଯୋଗ୍ୟ) ହିସାବରେ Deposit କରିବା ପାଇଁ ରାଜି ଅଛି । ମୁଁ ବର୍ତମାନ କୌଣସି ସରକାରୀ ଯୋଜୋନାରେ କାର୍ଯ୍ୟ କରୁ ନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ରେ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୋଧରେ କାର୍ଯ୍ୟଅନୁଷ୍ଠାନ ପାଇଁ ମୁ ପ୍ରସ୍ତୁତ ଅଟେ ।

ଆବେଦନକାରୀ ସଭ୍ୟାଙ୍କ ସ୍ୱାକ୍ଷର

ସଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ **ହଁ / ନାହିଁ**

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ, ମାର୍କସିଟ ଉଭୟର ନକଲ) ।

୨. ଜନ୍ମ ତାରିଖର ପ୍ରମାଣ ପତ୍ରର ନକଲ (ଆଧାର କାର୍ଡର ନକଲ) ।

୩. ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାର ପ୍ରମାଣ (ଅଧିବେସନର ବିବରଣୀର ନକଲ) ।

୪. ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଭ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେସନର ବିବରଣୀର ନକଲ ।

୫. ବ୍ୟକ୍ତିଗତ Bank passbook ର ନକଲ ।

୬. Passport size ଫଟ – ୨ ଗୋଟି ।

ସଭାନେତ୍ରୀଙ୍କ ସ୍ୱାକ୍ଷର ଓ ମୋହର

ସମ୍ପାଦିକାଙ୍କ ସ୍ୱାକ୍ଷର ଓ ମୋହର